ସମ୍ବାଦ

# ସାଲେପୁର କଲେଜ ଗଣିତ ବିଭାଗ ପକ୍ଷରୁ ପାଠଚକ୍ର




ସାଲେପୁର, ୧୬/୩ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ (ୟୁଜିସି) ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ହେମନ୍ତ ଓଝା ଯୋଗଦେଇ ଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ ଜେନା ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷା ଡକ୍ଟର ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଓଝାଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ମହାକାଶ ବିଜ୍ଞାନରେ ପ୍ରୟୋଗାତ୍ମକ ଗଣିତର ଉପଯୋଗିତା ସମ୍ପର୍କରେ ପ୍ରାଧ୍ୟାପକ ଆଲୋକ ଚନ୍ଦ୍ର ମହାନ୍ତି ସୁନ୍ଦର ଭାବରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା, ଡକ୍ଟର ବିଚିତ୍ରାନନ୍ଦ ଦାଶ, ପ୍ରଦ୍ୟୁମ୍ନ ଚୌଧୁରୀ, ସ୍ୱାତୀ ପଣ୍ଡା, ଅସିତ୍ ପରିଜା, ଜି ସତିଶ କୁମାର, ଶତାବ୍ଦୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସ୍ଥିତିପ୍ରଜ୍ଞା ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲା ବେଳେ ରାଜେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

CUTTACK Edition
Page No.16 March 17, 2023

# ସାଲେପୁର କଲେଜ ଗଣିତ ବିଭାଗ ପକ୍ଷରୁ ଆଲୋଚନା ଚକ୍ର




ସାଲେପୁର, (ମହାଭାରତ): ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ (ୟୁଜିସି) ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ନସାର ବୈଜ୍ଞାନିକ ହେମନ୍ତ ଓଝା ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପକ ପ୍ରଶାନ୍ତ କୁମାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧକ୍ଷା ଡ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଓଝାଙ୍କ ଦ୍ୱାରା ପ୍ରସ୍ତୁତ ବିଷୟ ବସ୍ତୁ ମହାକାଶ ବିଜ୍ଞାନରେ ପ୍ରୟୋଗାତ୍ମକ ଗଣିତର ଉପଯୋଗୀତା ସମ୍ପର୍କରେ ପ୍ରାଧାପକ ଆଲୋକ ଚନ୍ଦ୍ର ମହାନ୍ତି ଅତି ସୁନ୍ଦର ଭାବରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଆଲୋଚନା ଚକ୍ର ରେ ପ୍ରଧା ପି କା ଜୟନ୍ତୀ ବାଳା ପରିଜା, ଡ଼ ବିଚିତ୍ରାନନ୍ଦ ଦାଶ, ପ୍ରଦ୍ୟୁମ୍ନ ଚୌଧୁରୀ, ସ୍ୱାତୀ ପଣ୍ଡା, ଅସିତ୍ କୁମାର ପରିଜା ଜି ସତିଶ କୁମାର, ଶତାବ୍ଦୀ ବିଶ୍ୱାଳଙ୍କ ସମେତ ଅଧାପକ ଅଧାପିକା ମାନେ ଉପସ୍ଥିତ ଥିଲେ। ଛାତ୍ରୀ ସ୍ଥିତି ପ୍ରଜ୍ଞା ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିବା ବେଳେ ରାଜେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।